# Akashvani, Sambalpur

## SAMBALPURI NEWS EVENING BULLETIN

**14 February 2025- 7.02 pm- 7.12 pm.**

**********************************************

୧- ରାଏଜେ ୨୦୨୭ ମସିହାତକ୍ ସର୍କାର୍ ତିଆର୍ କର୍‌ବେ ୨୫ ଲାଖ୍ ଲକ୍ଷପତି ଦିଦି - କହେଲେ ମୁଖ୍ୟମନ୍ତ୍ରୀ ।

- ବିଧାନ୍‌ସଭା ନ ଆଗତ୍ ହେଲା ରାଜ୍ୟପାଲ୍‌ଙ୍କର୍ ଅଭିଭାଷଣ୍ ଉପ୍‌ରେ ଧନ୍ୟବାଦ୍ ପ୍ରସ୍ତାବ୍ ।

୨- ରାଏଜେ ଖୋବ୍ ଜଲ୍‌ଦି ଗଠନ୍ କରାଯିବା ନିଗମ୍, କମିଶନ୍ ଆର୍ ଜିଲ୍ଲା ଯୋଜନା ବୋର୍ଡ୍ ।

୩- ପୁଲ୍‌ୱାମା ଶହୀଦ୍ ଜବାନ୍ ମାନ୍‌କୁ ସାରାଦେଶ୍ ଜନାଲା ଶ୍ରଦ୍ଧାଞ୍ଜଳି ।

ଆଉର୍

୪- ଉଦ୍‌ଯାପିତ ହେଲା ଖଲିଆପାଲି ମାଘମେଳା ।

ମୁଖ୍ୟମନ୍ତ୍ରୀ- ବିଧାନ୍‌ସଭା ବିବୃତି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଏସ୍‌ଏଚ୍‌ଜି ମହିଲାମାନ୍‌କର୍ ଆର୍ଥିକ୍ ବିକାଶ୍ କର୍‌ବାର୍ ଲାଗି ରାଏଜେ ଲକ୍ଷପତି ଦିଦି ଯୋଜ୍‌ନା କାର୍ଯ୍ୟକାରୀ ହେଉଛେ । ଯୋଜ୍‌ନାଥି ସର୍‌କାର୍ ୨୦୨୭ ମସିହାତକ୍ ୨୫ ଲାଖ୍ ଲକ୍ଷପତି ଦିଦି ତିଆର୍ କର୍‌ବାର୍‌କେ ଲକ୍ଷ୍ୟ ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ବିଧାନ୍‌ସଭା ନ ଉପର୍‌ବେଲା ଗୃହକାର୍ଯ୍ୟ ମୁଲ୍ ହେଲା ଉତ୍‌ରୁ ମୁଖ୍ୟମନ୍ତ୍ରୀ ଗୁଟେ ବିବୃତିଥି ଲକ୍ଷପତି ଦିଦି ସହାୟିକା ନାଁଥି ଗୁଟେ ନୂଆଁ ଯୋଜ୍‌ନା ଘୋଷ୍‌ନା କରିଛନ୍ । ଇ ଯୋଜ୍‌ନା ଜରିଏ କମ୍ୟୁନିଟି ସର୍ପୋଟ ଷ୍ଟାଫ୍ ମାନ୍‌କର୍ ପାରିଶ୍ରମିକ୍ ବାବଦ୍ ଟଙ୍କା ସର୍‌କାର୍ ବହନ୍ କର୍‌ବେ ଆର୍ ଇଥିର୍‌ଲାଗି ଗ୍ରାମ୍‌ପଂଚାୟତ୍ ସ୍ତରୀୟ ସଂଘ- ଜିପିଏଲ୍‌ଏଫ୍ ମାନ୍‌କୁ ଅନୁଦାନ୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇଥି ରାଜ୍ୟର୍ ୬୨ ହଜାର୍‌ନୁ ଅଏତ୍‌କା କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଲାଭ୍ ପାଏବେ । ଏପ୍ରିଲ୍ ୨୦୨୪ ନୁ ସେମାନେ ତାଙ୍କର୍ ପାରିଶ୍ରମିକ୍ ପାଇପାର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା-ହଟ୍ଟଗୋଳ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

୧୭ ନମ୍ବର୍ ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ଆଏଜ୍ ୨ ନମ୍ବର୍ ଦିନେ ସଖାଲ୍‌ବେଲା ଗୃହ ନ ଜବର୍ କିର୍ଲାଗଗା ହେଇଥିଲା । ଗୃହ କାମ୍ ମୁଲ୍ ହଉନ୍‌ସାର୍ ରାଜ୍ୟର୍ ଆଇନ୍‌ଶୃଙ୍ଖଲା ପରିସ୍ଥିତି ଆର୍ ଚାଷୀମାନ୍‌କର୍ ସମସ୍ୟାକେ ନେଇକରି ବରୋଧୀ ବିଜେଡ଼ି ଆର୍ କଂଗ୍ରେସ୍‌ର ସଦସ୍ୟମାନେ ଗୃହର୍ ମଝାକେ ଆସିକରି ହୋହଲ୍ଲା କରିଥିଲେ । ୫ ମିନିଟ୍ ଉତ୍‌ରୁ ବାଚସ୍ପତି ସୁରମା ପାଢ଼ୀ ଗୃହକେ ମଏଧାନର୍ ୧୨ ବଜେତକ୍ ମୁଲ୍‌ତବୀ ରଖିଥିଲେ । ଫେର୍‌ଘାଏ ଗୃହକାର୍ଯ୍ୟ ମୁଲ୍ ହେଲା ଉତ୍‌ରୁ ସମାନ୍ ଥିତି ଦେଖାଦେବାର୍‌ନୁ ବାଚସ୍ପତି ଫେର୍ ଗୃହକେ ୪ ବଜେତକ୍ ମୁଲ୍‌ତବୀ ରଖିଥିଲେ । ଉପର୍‌ବେଲା ଗୃହକାର୍ଯ୍ୟ ସ୍ୱାଭାବିକ୍ ରହିଥିଲା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ ନ ବିବୃତି ରଖିବାର୍ ଉତ୍‌ରୁ ରାଜ୍ୟପାଲ୍‌ଙ୍କର୍ ଅଭିଭାଷଣ୍ ଉପ୍‌ରେ ସର୍‌କାରୀ ଦଲ୍ ମୁଖ୍ୟ ସଚେତକ୍ ସରୋଜ୍ ପ୍ରଧାନ୍ ଧନ୍ୟବାଦ ପ୍ରସ୍ତାବ୍ ଆଗତ୍ କରିଥିଲେ । ଇତାର୍ ଉତ୍‌ରୁ ବାଚସ୍ପତି ସୁରମା ପାଢ଼ୀ ଆଏବା କାଏଲ୍ ସଖାଲର୍ ସାଢ଼େ ୧୦ ବଜେତକ୍ ଗୃହକେ ମୁଲ୍‌ତବୀ ରଖିଥିଲେ ।

ରାଜସ୍ୱ ମନ୍ତ୍ରୀ-କୋର୍ କମିଟି ବୈଠକ୍  ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ଭିନ୍ ଭିନ୍ ନିଗମ୍, ବୋର୍ଡ୍, କମିଶନ୍, ଆର୍ ଜିଲ୍ଲା ଯୋଜ୍‌ନା ବୋର୍ଡ୍ ର ନିଯୁକ୍ତି ଖୋବ୍ ଜଲ୍‌ଦି କରାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ରାଜ୍ୟ ବିଜେପି କାର୍ଯ୍ୟାଳୟ ଠାନେ ଆଏଜ୍ ସଞ୍ଜ୍‌ବେଲେ ଦଲର୍ କୋର୍ କମିଟି ବୈଠକ୍ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ବୋର୍ଡ୍ ମାନ୍‌କର୍ ନିଯୁକ୍ତି ଲାଗି ଇ ମାସର୍ ଶେଷ୍‌ତକ୍ ପ୍ରକ୍ରିୟା ଶେଷ୍ ହେବା । ଇତାର୍‌ସହେତେ ସାଂଗଠାନିକ ନିର୍ବାଚନ୍, ରାଜ୍ୟ ସଭାପତି ଚୟନ୍ ଭିଲ୍ ତୁର୍‌ତି କରାଯିବା ବଲି ବୈଠକ୍‌ଥି ନିଷ୍ପତି ହେଇଛେ । ସେନ୍ତା ବୈଠକ୍‌ଥି ରାଜ୍ୟ ସର୍‌କାର୍‌ଙ୍କର୍ ୮ ମାସର୍ ଶାସନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ବଲି ଶ୍ରୀ ପୂଜାରୀ କହିଛନ୍ ।

ବିଜେପି ରାଷ୍ଟ୍ରୀୟ ସାଧାରଣ୍ ସମ୍ପାଦକ ତରୁଣ ଗୁଘ ଙ୍କର୍ ଉପସ୍ଥିତିଥି ହେଇଥିବା ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ , ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍, ରାଜ୍ୟପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍, ଦୁହି ଉପମୁଖ୍ୟମନ୍ତ୍ରୀ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଆଉ ଭିନ୍ ଭିନ୍ ନେତା ଯୋଗ୍ ଦେଇଥିଲେ ।

ଉଚ୍ଚଶିକ୍ଷା ମନ୍ତ୍ରୀ-ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ୧୭ ଟା ବିଶ୍ୱବିଦ୍ୟାଲୟ ନ ଇହାଦେ ୧ ହଜାର୍ ୩ ଶହ ୭ ଟା ଅଧ୍ୟାପକ୍ ପଦ୍‌ବୀ ଖାଲି ପଡ଼ିଛେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଆଏଜ୍ ବିଧାନ୍‌ସଭା ନ ବିଧାୟକ୍ ଅରବିନ୍ଦ ମହାପାତ୍ରଙ୍କର୍ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍, ରେଭେନ୍ସା ନ ଶହେ ୫୭ ଉତ୍କଳ ବିଶ୍ୱବିଦ୍ୟାଲୟ ଶହେ ୩୬ ଟା ଅଧ୍ୟାପକ ପଦ୍‌ବୀ ଖାଲି ରହିଛେ । ୧୭ ଟା ବିଶ୍ୱବିଦ୍ୟାଲୟ ନ ପାଠ୍‌ପଢ଼ା ଲାଗି ୯ ଶହ ୬୩ ଝନ୍ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି କରାଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ଗଣଶିକ୍ଷା ମନ୍ତ୍ରୀ-ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ବିଦ୍ୟାଲୟମାନ୍‌କେ ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଛାତ୍ରୀମାନ୍‌କର୍ ଲାଗି ୭ ଶହ ୨୪ ଟା ଶୌଚାଲୟ ନିର୍ମାଣ୍ ଲାଗି ପଦକ୍ଷେପ୍ ନିଆଯାଇଛେ ବଲି ବିଦ୍ୟାଲୟ ଆର୍ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଆଏଜ୍

ବିଧାନ୍‌ସଭା ନ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ଗଣ୍ଡ କହିଛନ୍, ୪ ଶହ ୧୨ ଟା ପ୍ରାଥମିକ ଆର୍ ଶହେ ୧୫ ଟା ଉଚ ପ୍ରାଥମିକ ବିଦ୍ୟାଳୟ ନ ଛାତ୍ରୀମାନ୍‌କର୍ ଲାଗି ଶୌଚାଳୟ ନାଇଁନ । ବିଭାଗ୍ ତର୍‌ଫୁ ବିଦ୍ୟାଳୟମାନ୍‌କେ ଶୌଚାଳୟ ନିର୍ମାଣ୍ ଲାଗି ପଦକ୍ଷେପ୍ ନିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ I&PR

ଭୁବ୍‌ନେଶ୍ୱର୍ ବର୍‌ମୁଣ୍ଡା ବିଜୁ ପଟ୍ଟନାୟକ୍ ପଡ଼ିଆ ଠାନେ ଆଏଜ୍‌ଠାନୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ୍ ଉଦ୍‌ଘାଟିତ୍ ହେଇଛେ । ସମ୍ମିଲନୀଥି ଯୋଗ୍ ଦେଇକରି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍, ରାଜ୍ୟ ସର୍‌କାର୍ ଚାଷୀମାନ୍‌କର୍ ବିକାଶ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନଉଛନ୍ । ଚାଷୀମାନ୍‌କର କମାନୀ ଦୁଇଗୁନା କର୍‌ବାର୍‌କେ ସର୍‌କାର୍ ତହଁକଉଛନ୍ । ଚାଷୀମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ବହୁତ୍‌ଟେ ନୂଆଁ ଯୋଜ୍‌ନା ଆରମ୍ଭ କରାଯାଇଛେ । ଚାଷୀମାନ୍‌କର୍ କମାନୀ ବଢ଼୍‌ଲେ ଓଡ଼ିଶାର୍ ଅର୍ଥନୈତିକ ବିକାଶ୍ ହେଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

(ଭଏସ୍ ଓଭର୍- ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍)

କାର୍ଯ୍ୟକ୍ରମ୍ଥି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍ସରେ ଆଏଜ୍ ସଖାଲେ ଓୟୁଏଟି ଭେଟ୍ନାରୀ କଲେଜ୍ଠାନୁ ବର୍ମୁଣ୍ଡା ପଡ଼ିଆତକ୍ ଗୁଟେ ୱାକାଥନ୍ କାର୍ଯ୍ୟକ୍ରମ୍ ହେଇଥିଲା । ଆଏବା ୧୬ ତାରିଖ୍ତକ୍ ହେବାର୍କେ ଥିବା ସମାବେଶ୍ଥି ଭିନ୍ ଭିନ୍ ରାଏଜୁ ମଇଁଷି, ଗାଏ ଆର୍ କୁକୁର୍ ମାନ୍କର୍ ପ୍ରଦର୍ଶନୀ ହେଉଛେ । କାର୍ଯ୍ୟକ୍ରମ୍ର ବିଷୟବସ୍ତୁ ହେଉଛେ 'ମତ୍ସ୍ୟ ଓ ପ୍ରାଣୀ ପାଳନ, ଜୀବନ ଜୀବିକା, ଜୈବ ସନ୍ତୁଳନ' ।

ପୁଲ୍ୱାମା ଶହୀଦ୍ ଯବାନ୍ମାନ୍କୁ ଶ୍ରଦ୍ଧାଞ୍ଜଲ     ଏନ୍ଏସ୍ଡି/ଏକ୍ସ

ସାରାଦେଶ୍ ଆଏଜ୍ ପୁଲ୍ୱାମା ଶହୀଦ୍ ଯବାନ୍ମାନ୍କୁ ଶ୍ରଦ୍ଧାଞ୍ଜଲି ଜନଉଛେ ।  ୨୦୧୯ ସାଲେ ଜାମ୍ମୁକାଶ୍ମୀର୍ର ପୁଲ୍ୱାମା ଠାନେ ଆତଙ୍କ୍ବାଦୀ ଆକ୍ରମଣ୍ଥି ଶହୀଦ୍ ହେଇଥିବା ଜବାନ୍ ମାନ୍କୁ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଲି ଦେଇଛନ୍ । ଦେଶ୍ ଲାଗି ସେମାନ୍କର୍ ସମର୍ପଣ୍ ଆର୍ ବଳିଦାନ୍ ଆଏବା ପୀଢ଼ି କେଭେ ଭୁଲି ନାଇଁପାରେ ବଲି ସାମାଜିକ୍ ଗଣମାଧ୍ୟମ୍ ଜରିଏ ପ୍ରଧାନ୍ମନ୍ତ୍ରୀ କହିଛନ୍ ।

ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶହୀଦ୍‌ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇକରି ଦେଶର୍ ଲାଗି ସେମାନ୍‌କର୍ ସମର୍ପଣ୍ ସବୁବେଲେ ସୁର୍‌ତା ହେଇ ରହେବା ବଲି କହିଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଶହୀଦ୍‌ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇକରି ସେମାନ୍‌କର୍ ବଲିଦାନ୍ ଆର୍ ବୀରତା ଆତଙ୍କବାଦୀ ବିରୋଧ୍ ନ ଲଢ଼େଇର୍ ଲାଗି ସବୁ ଦିନ ପ୍ରେରଣା ଯୁଗାବା ବଲି କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଆତଙ୍କବାଦୀ ଆକ୍ରମଣ୍‌ଥି ୪୦ ଝନ୍ ସିଆର୍‌ପିଏଫ୍ ଜବାନ୍ ଶହୀଦ୍ ହେଇଥିଲେ ।

ଭୀମ୍‌ସାର୍ ଶହୀଦ୍ ଶ୍ରଦ୍ଧାଞ୍ଜଳି ସମ୍ବଲ୍‌ପୁର୍ ସମ୍ବାଦଦାତା

ପୁଲ୍‌ୱାମା ଶହୀଦ୍‌ମାନ୍‌କୁ ଶ୍ରଦ୍ଧାଞ୍ଜଳି ଦେବାର୍ ଲାଗି ବୁର୍ଲା ଭୀମ୍‌ସାର୍ ମେଡ଼ିକାଲ୍ କଲେଜ୍ ସେମିନାର୍ ହଲ୍ ଠାନେ ନେସ୍‌ନାଲ୍ ମେଡ଼ିକୋ ସଂଗଠନ୍ ତର୍‌ଫୁ ଗୁଟେ ଶ୍ରଦ୍ଧାଞ୍ଜଳି ସଭା ହେଇଥିଲା । ବୈଠକ୍‌ଥି ଜବାନ୍ ମାନ୍‌କର୍ ବଲିଦାନ୍‌କେ ସୁର୍‌ତା କର୍‌ବାର୍ ସହେତେ ଜାତୀୟ ଏକତାର୍ ଆବଶ୍ୟକତା ଉପ୍‌ରେ ଜୋର୍ ଦିଆଯାଇଥିଲା ।

ଅଟଲ୍ ପେନ୍‌ସନ୍ ଯୋଜ୍‌ନା          ସମ୍ବଲ୍‌ପୁର୍ ସମ୍ବାଦଦାତା

ସାରା ରାଏଜେ ସମ୍ବଲ୍‌ପୁର୍ ଜିଲ୍ଲା ଯୁଯୁମୁରା ବ୍ଲକ୍ କବ୍‌ରାପାଲି ଗାଁ ଶହେ ପ୍ରତିଶତ୍ ଅଟଲ୍ ପେନ୍‌ସନ୍ ଯୋଜ୍‌ନାଥି ଯୋଗ୍ୟ ହିତାଧିକାରୀମାନ୍‌କୁ ସାମିଲ୍ କରିଥିବା ଗାଁର୍ ମାଏନ୍‌ତା ପାଇଛେ । ଇତାକେ ନେଇକରି ଭାରତୀୟ ଷ୍ଟେଟ୍ ବେଙ୍କ୍‌ର କ୍ଷେତ୍ର କାର୍ଯ୍ୟଲୟ ସମ୍ବଲ୍‌ପୁର୍ ତର୍‌ଫୁ ଆଏଜ୍ କବ୍‌ରାପାଲି ଗାଁ ନ ସାମାଜିକ୍ ସୁରକ୍ଷା ଯୋଜ୍‌ନା ଉପ୍‌ରେ ଗୁଟେ ସମାବେଶ୍ ହେଇଥିଲା । ଇ ଅବ୍‌ସରେ ଅଟଲ୍ ପେନ୍‌ସନ୍ ଯୋଜ୍‌ନାଥି ହିତାଧିକାରୀଙ୍କୁ ସାମିଲ୍ କରାଯିବାର୍ ସହେତେ ପିଏମ୍ ସୂର୍ଯ୍ୟଘର ଯୋଜ୍‌ନାଥି ଶହେ ନୁ ଅଏତ୍‌କା ଯୋଗ୍ୟ ହିତାଧିକାରୀଙ୍କୁ ଋଣ ଦିଆଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଏସ୍‌ବିଆଇ - ଭୁବନେଶ୍ୱର୍ ମଣ୍ଡଲ୍‌ର ମୁଖ୍ୟ ମହାପ୍ରବନ୍ଧକ୍ ଦୀନେଶ୍ ପୃଥୀ ଆର୍ ଉତରାଂଚଲ ରାଜସ୍ୱ କମିଶନର୍ ସଚିନ ରାମଚନ୍ଦ୍ର ଯାଦବ୍ କୁନୁଆଁ ହିସାବେ ଯୋଗ୍ ଦେଇଥିଲେ ।

ସୁବର୍ଣ୍ଣପୁର୍- ଖଲିଆପାଲି ମାଘ୍‌ମେଳା     ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ମହିମା ଖଲିଆପାଲି ଠାନେ ଥିବା ସନ୍ଥକବି ଭୀମଭୋଇଙ୍କର୍ ସମାଧୀ ପୀଠ ନ ଚାଲିଥିବା ୫ ଦିନିଆ

ମାଘ୍‌ମେଳା ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଇ ବଛର୍ ମେଳାଥି ରାଏଜ୍ ଆର୍ ରାଏଜ୍ ବାହାରୁ ମହିମା ସାଧୁସନ୍ଥଙ୍କର୍ ସହେତେ ଲକ୍ଷାଧିକ୍ ଶ୍ରଦ୍ଧାଳୁ ଯୋଗ୍ ଦେଇଥିଲେ । ମାଘର୍ ଚତୁର୍ଦ୍ଦଶୀ ଆର୍ ପୁନି ଦିନ ବଛର୍‌କ ଥରେ ଭୀମଭୋଇଙ୍କର୍ ସମାଧି ମନ୍ଦିର୍ ଖୁଲାଯାଏସି । ହେଥିର୍‌ଲାଗି ଇ ଅବ୍‌ସରେ ବହୁତ୍ ଭିଡ୍ ଜମା ହେସନ୍ । ୫ ଦିନ୍‌ତକ୍ ମହିମା ଧର୍ମୀ ଅନୁଗାମୀମାନେ କବିଙ୍କର୍ ଭଜନ୍ -କୀର୍ତନ୍ କରିଥିଲେ । ବିଶ୍ୱ କଲ୍ୟାଣ୍‌ଲାଗି ଫି’ ଦିନ ସଖାଲୁ ଆର୍ ସଞ୍ଜ୍‌ବେଲେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇକରି ଶୂନ୍ୟ ଶରଣ୍ ମାନ୍ୟ ଆର୍ ଧୂନିଯଜ୍ଞ ଭିଲ୍ ହେଇଥିଲା । ଭୀମଭୋଇଙ୍କର୍ କାବ୍ୟକବିତାକେ ନେଇକରି ସାରସ୍ୱତ୍ ଆଲୋଚନାଚକ୍ର ହେଇଥିଲା । ଇ ଅବ୍‌ସରେ ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ତର୍‌ଫୁ ସମାଧି ପୀଠ ନ ନିଆଯାଉଥିବା ଭିନ୍ ଭିନ୍ ପଦକ୍ଷେପ୍ ଉପ୍‌ରେ କୁଳପତି ପ୍ରଫେସର୍ ଏନ୍. ନାଗାରାଜୁ କ୍ଷେତ୍ର ପରିଦର୍ଶନ୍ କରିଥିଲେ । ପରିଦର୍ଶନ୍ ଉତ୍‌ରୁ ସେ କହିଛନ୍...

(ଭଏସ୍ ଓଭର୍- ପ୍ରଫେସର୍ ଏନ୍. ନାଗାରାଜୁ)

ପ୍ରାକୃତିକ ବିପର୍ଯ୍ୟୟ- ପ୍ରସ୍ତୁତି ବୈଠକ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଆର୍ ଇତାର୍ ମୁକାବିଲା ବାବଦ୍ ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଆଏବା ଖରାଦିନେ ପିଇବାର୍ ପାଏନ୍ ଆର୍ ଝାଉ ମୁକାବିଲା କର୍‌ବାର୍ ଲାଗି ଆଲୋଚନା ହେଇଥିଲା । ଖରାଦିନେ ଜିଲ୍ଲାର୍ ଫି' ବ୍ଲକ୍, ତହସିଲ୍, ଡାକ୍ତର୍‌ଖାନା ନ କଂଟ୍ରୋଲ୍ ରୁମ୍ ଖୁଲିକରି ଲୁକ୍‌କୁ ଦର୍‌କାରୀ ସେବା ଯୁଗାବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ । ଡାକ୍ତର୍‌ଖାନା, ଅଙ୍ଗନବାଡ଼ି କେନ୍ଦ୍ର ଆର୍ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ଓଆର୍‌ଏସ୍ ପେକେଟ୍ ମହଜୁଦ୍ ରଖ୍‌ବାର୍ , ଅଚଲ୍ ନଲ୍‌କୂଆଁ ସଜାବାର୍ ଆର୍ ପାଏନ୍ ଅଭାବ୍ ଥିବା ଗାଁମାନ୍‌କେ ଟେଙ୍କର୍ ଜରିଏ ପାଏନ୍ ପୁହୁଁଚାବାର୍ ବ୍ୟବସ୍ଥା କର୍‌ବାର୍‌କେ ଜିଲ୍ଲାପାଲ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ନୂଆପଡ଼ା-ରେଡ଼ିଓ ସ୍ୱର ସଂଗମ୍ ନୂଆପଡ଼ା ସମ୍ବାଦଦାତା

ବିଶ୍ୱ ରେଡ଼ିଓ ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ଠାନେ ଗୁଟେ କାର୍ଯ୍ୟକ୍ରମ୍‌ଥି ନୂଆପଡ଼ା ଜିଲ୍ଲାର୍ ସିନାପାଲିର୍ 'ରେଡ଼ିଓ ସ୍ୱର ସଂଗମ୍'କେ 'ସୁରଭି ପ୍ରଜ୍ଞା ସମ୍ମାନ୍-୨୦୨୫'

ଦିଆଯାଇଛେ । ରେଡ଼ିଓ ସ୍ୱର ସଂଗମ୍ର ଇ ସଫଲତାକେ ନେଇକରି ଜିଲ୍ଲା ନ ଖୋବ୍‌ଟେ ଉସ୍‌ନାକି ଦେଖାଦେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାତି ବଢୁଛେ । ହେଲେ ରାତିର୍ ତାପମାତ୍ରା ଟିକେ କମିଛେ । ଆଏବା ୩ ଉତ୍‌ରୁ ସବୁନୁ କମ୍ ତାତି ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଗଲାକାଏଲ୍ ରାଜ୍ୟର୍ ୧୧ ଟା ସହରର ଦିନର୍ ତାପମାତ୍ରା ୩୩ ଡିଗ୍ରୀ ଉପ୍‌ରେ ରହିଥିଲା । ରାଜ୍ୟର୍ ସବୁନୁ ଜହ ତାତି ଆଏଜ୍ ଅନୁଗୁଲ୍ ନ ୩୪ ଦଶ୍‌ମିକ୍ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଥିଲା ।